# ପିଲାମାନଙ୍କ ପାଇଁ ବାଇବଲ

ଉପହାର



# ଦାନିୟେଲ ଏବଂ ସିଂହର ଗର୍ତ୍ତ

ଲେଖକ: Edward Hughes

ଦୃଷ୍ଟାନ୍ତ: Jonathan Hay

ଉପଯୋଜକ: Mary-Anne S.

ଅନୁବାଦକ: Prasanta Bhuyan



ପ୍ରୟୋଯୋକ: Bible for Children
www.M1914.org



©2014 Bible for Children, Inc.

ଅନୁମତି ପତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି,· ଯେଉଁ ପର୍ଯନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।

ଦାରିୟାବସ ବାବିଲର ନୂତନ ଭାବରେ ରାଜା ହେଲ । ସେ ଚ଼ତୁର ଲୋକ ଥିଲା । ସେ ନିଜ ଦେଶରୁ ଏକଶତ କୋଡ଼ିଏ ଜଣ ଲୋକ ବାଛିଲା ଯେଉଁମାନେ ରାଜାଙ୍କୁ ରାଜ କାର୍ଯ୍ୟରେ ସହାୟତା କରେବେ । ସେହି କ୍ଷତିପାଳଙ୍କ ଉପରେ ତିନିଜଣ ଅଧ୍ୟକ୍ଷ ନିଯୁକ୍ତ କରିବାକୁ ବିହିତ ବୁଝିଲା । ଏହି ତିନିଜଣ ମଧ୍ୟରେ ଦାନିୟେଲ ଏକଜଣ ଥିଲେ ।



ରାଜା ଦାରିୟାବସ ଦାନିୟେଲଙ୍କୁ ଅତ୍ୟଧିକ ସମ୍ମାନ କଲେ. ରାଜା ତାହାଙ୍କୁ ସମୁଦାୟ ରାଜ୍ୟ ଉପରେ ନିଯୁକ୍ତ କରିବାକୁ ମନସ୍ଥ କଲେ ।



ଏଥିରେ ଅନ୍ୟ ରାଜ କର୍ମଚାରିଗଣ ଦାନିୟେଲଙ୍କୁ ଈର୍ଷ୍ୟା କଲେ । ସେମାନେ ଦାନିୟେଲଙ୍କ ଦୋଷ ଅନୁଶନ୍ଧାନ କଲେ, ତେଣୁ ସେମାନେ ଦାନିୟେଲଙ୍କର ରାଜ କାର୍ଯ୍ୟରେ କୌଣସି ଅସୁବିଧା କରି ପାରିଲେ ନାହିଁ ।



ସେମାନେ ଯେତେ ଚ଼ଷ୍ଟା କଲେ ମଧ୍ୟ, ସେମାନେ ଦାନିୟେଲଙ୍କର କୌଣସି ଦୋଷ ପାଇ ପାରିଲେ ନାହିଁ, କାରଣ ସେ ବିଶ୍ୱସ୍ଥ ଥିଲେ ଓ ତାଙ୍କର କୌଣସି ଭ୍ରାନ୍ତି ଅବା ଅପରାଧ ଦେଖାଗଲା ନାହିଁ । ସେ ମଧ୍ୟ ଶତର୍କ ପରାୟଣ ଓ ଚ଼ତୁର ଥିଲେ । ସେ ସର୍ବଦା ଅତି ଯତ୍ନରେ ନିର୍ଭୁଲ ଭାବରେ କାର୍ଯ୍ୟ କରିବାକୁ ଚେ଼ଷ୍ଟା କଲେ ।



ସେହି ଅଧ୍ୟକ୍ଷମାନେ ଜାଣିଥିଲେ ସେମାନେ ଦାନିୟଲର ପରମେଶ୍ୱରଙ୍କ ବ୍ୟବସ୍ଥା ସମ୍ବନ୍ଧରେ
ତାହାର ଦୋଷ ନ ଧରି ପାରିଲେ ଆଉ କୌଣସି ବିଷୟରେ ଦୋଷ ପାଇ ପାରିବା ନାହିଁ ।
ସେମାନେ ଜାଣିଥିଲେ ସାରା ଜଗତରେ
କୌଣସି ବସ୍ତୁ କିଅବା ଲୋକ ତାହାକୁ
ଇସ୍ରାଏଲର ସଦାପ୍ରଭୁଙ୍କୁ ଉପାସନା
କରିବାରେ ଅଟକାଇ
ପାରିବେ ନାହିଁ ।






ଦାନିୟେଲର ବିଧ ଏକ ମନ୍ତ୍ରଣା କଲେ । ସେମାନେ ଏକ ବଧି ସ୍ଥାପନ କରି ରାଜାଙ୍କର ହସ୍ତାକ୍ଷର ନେବାକୁ ସ୍ଥିର କଲେ । ସେହି ବିଧି ଅନୁସାରେ ଯଦି କେହି ତିରିଶ ଦିନ ପର୍ଯ୍ୟନ୍ତ କୌଣସି ଦେବତା କିଅବା ମନୁଷ୍ୟର ନିକଟରେ ପ୍ରାର୍ଥନା କରିବ ସେ ସିଂହମାନଙ୍କ ଗର୍ତ୍ତରେ ନିକ୍ଷିପ୍ତ ହେବ ।

ରାଜା ଦାରିୟାବସ ଏକ ନୂତନ ବିଧି ହସ୍ତାକ୍ଷର କଲେ ।



ସେହି ନୂତନ ନିୟମ ଦାନିୟେଲଙ୍କ ଜୀବନର କୌଣସି ପରିବର୍ତ୍ତନ କଲା ନାହିଁ । ସେ ପୂର୍ବରେ ଯେପର କରିଥାଆନ୍ତି ସେପରି କଲେ । ସେ ଝରକା ମେଲା କରି ଦିନ ମଧ୍ୟରେ ତିନିଥର ଆଣ୍ଠୁପାତି ପ୍ରାର୍ଥନା କଲେ ଓ ଆପଣା ପରମେଶ୍ୱରଙ୍କ ଛାମୁରେ ଧନ୍ୟବାଦ ପ୍ରଦାନ କଲେ ।







ସେହି ଇର୍ଷ୍ୟାନ୍ୱିତ ଦେଶାଧିକ୍ଷଗଣ
ରାଜାର ନିକଟକୁ ଯାଇ ରାଜକୀୟ
ନିଷେଧ ବିଧି ବିଷୟରେ ତାଙ୍କ
ଛାମୁରେ କହିଲେ । ରାଜା
ଦାରିୟାବସର ଦାନିୟେଲଙ୍କ
ଅକ୍ତିଆର କରିବା ଅପେକ୍ଷା ଆଉ
କୌଣସି ଉପାୟ ନଥିଲା । ନିୟମ
ପାଳନ କରିବାକୁ ହେବ । ଏବଂ
ଦାନିୟେଲଙ୍କୁ ମରିବାକୁ ହେବ ।
ରାଜ ଯେତେ ଚେଷ୍ଟା କଲେମଧ୍ୟ
ନିୟମ ବଦଳାଇବା ମାଧ୍ୟମ
ପାରିଲେ ନାହିଁ ।

ତହୁଁ ରାଜା ଆଜ୍ଞା କରନ୍ତେ ସେମାନେ ଦାନିୟେଲଙ୍କୁ ଆଣି ସିଂହମାନଙ୍କ ଗର୍ତ୍ତରେ ନିକ୍ଷେପ କଲେ ।
ଦାନିୟେଲଙ୍କୁ ସେହି ଭୋକିଲା ସିଂହମାନଙ୍କ ଗର୍ତ୍ତରେ ଫିଙ୍ଗିବା ପୂର୍ବରୁ ରାଜା ଦାରିୟାବସ
ଦାନିୟେଲଙ୍କୁ ତୁମ୍ଭେ ନିତ୍ୟ ନିତ୍ୟ ଯେଉଁ ପରମେଶ୍ୱରଙ୍କର ସେବା
କରୁଅଛ ସେ ତୁମ୍ଭକୁ ଉଦ୍ଧାର କରିବେ ।



ସେହି ରାତ୍ରୀରେ ରାଜାଙ୍କର ନିଦ୍ରା ନୋହିଲା । ରାଜା ଅତି ପ୍ରଭାତରେ ଉଠି ସିଂହମାନଙ୍କର ଗର୍ତ୍ତ ନିକଟକୁ ଗଲା ପୁଣି ସେ ଗର୍ତ୍ତ ନିକଟରେ ଦାନିୟେଲଙ୍କ ପାଖରେ ଉପସ୍ଥିତ ହେଲେ ।





ହେ ଜୀବୀତ ପରମେଶ୍ୱରଙ୍କ ସେବକ ଦାନିୟେଲ, ତୁମେ ନିତ୍ୟ ନିତ୍ୟ ଯାହାଙ୍କର ସେବା କରୁଅଛ ତୁମର ସେହି ପରମେଶ୍ୱର ସିଂହ ମାନଙ୍କଠାରୁ ତୁମକୁ ଉଦ୍ଧାର କରିବାକୁ କି  ସମର୍ଥ ଅଟନ୍ତି, ହୋଇପାରେ ସେ କୌଣସି ଉତ୍ତର ଆଶା କରୁ ନ ଥିଲେ । ମାତ୍ର ଦାନିୟେଲ ଉତ୍ତର ଦେଲେ ।

ତହିଁରେ ଦାନିୟେଲ
ରାଜାଙ୍କୁ ଡାକି କହିଲେ,
ହେ ମହାରାଜା ଚ଼ୀରଜୀବୀ
ହେଉନ୍ତୁ, ମୋହର ପରମେଶ୍ୱର ଆପଣା
ଦୂତ ପଠାଇ ସିଂହ ମାନଙ୍କ ମୁଖ ବନ୍ଦ
କରିଅଛନ୍ତି । ସେମାନେ ମୋହର
କୌଣସି କ୍ଷତୁ କରି ନାହାନ୍ତି ।
ପୁଣି, ହେ ମହାରାଜ, ମୁଁ
ଆପଣଙ୍କ ସାକ୍ଷାତରେ ହିଁ
କୌଣସି କ୍ଷତି କରିନାହିଁ ।



ତହିଁରେ ରାଜା ଅତିଶୟ ଆନନ୍ଦିତ ହୋଇ ଆଣିବାକ ଗର୍ତ୍ତମଧ୍ୟରୁ ଉଠାଇ ଦାନିୟେଲଙ୍କୁ ଆଜ୍ଞା ଦେଲା ।



ରାଜା ଜାଣିଥିଲେ ଯେ ସଦାପ୍ରଭୁ
ଦାନିୟେଲଙ୍କୁ ଉଦ୍ଧାର କରିଅଛନ୍ତି  ଏବଂ
ଦାନିୟେଲଙ୍କ ଶତ୍ରୁମାନେ ସଦାପ୍ରଭୁଙ୍କ ଶତ୍ରୁମାନେ
ଅଟନ୍ତି । ପୁଣି ରାଜା ଆଜ୍ଞା କରନ୍ତେ ଲୋକମାନେ
ଦାନିୟେଲଙ୍କର ଅପବାଦକାରୀ
ମାନଙ୍କୁ ଆଣି ସେମାନଙ୍କୁ
ସିଂହମାନଙ୍କର ଗର୍ତ୍ତରେ
ପକାଇଲେ । ସିଂହମାନେ
ସେମାନଙ୍କୁ
ଖାଇଲେ ।



ରାଜା ଦାରିୟାବସ ଚାହୁଁଥିଲେ ଯେ ସମୁଦାୟ ପୃଥିବୀ ସେହି ସ୍ୱର୍ଗବାସି ଇଶ୍ୱରଙ୍କ ବିଷୟରେ ଜ୍ଞାତ ହୁଅନ୍ତି ଯେ ତାଙ୍କର ଭକ୍ତ ଦାସକୁ ରକ୍ଷା କରିଅଛନ୍ତି । ତେଣି ସେ ଏକ ଆଜ୍ଞାପତ୍ର ସମୁଦାୟ ପୃଥିବୀକୁ ଲେଖିଲେ ଯେପରି ସେମାନେ ଜୀବୀତ ପରମେଶ୍ୱରଙ୍କ ଉପାସନା କରିବେ । ରାଜା ଦାନିୟେଲଙ୍କୁ ତାଙ୍କର ପଦବି ଓ ସମ୍ମାନ କଲେ ।



ଦାନିୟେଲ ଏବଂ ସିଂହର ଗର୍ତ୍ତ

ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ

ରୁ ଅନୁସନ୍ଧାନ କରାଯାଇଅଛି

ଦାନିୟେଲ ୬

"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦

ସମାପ୍ତି

ଏହି ବାଇବଲ୍ କହାଣି ଇଶ୍ୱରଙ୍କ ବିଷୟରେ ଆମ୍ଭମାନଙ୍କୁ କହେ, ଯିଏ କି ଆମ୍ଭମାନଙ୍କୁ ସୃଷ୍ଟି କରିଅଛନ୍ତି ଏବଂ ସେହି ଇଶ୍ୱର ଚାହାଁନ୍ତି ତୁମ୍ଭେ ତାହାଙ୍କୁ ଜାଣ ।

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଯାହାକୁ ଇଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ, କିନ୍ତୁ ଇଶ୍ୱର ତୁମ୍ଭକୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଜଗତକୁ ପଠାଇଲେ ଆମ୍ଭମାନଙ୍କର ପାପ ସକାଶୁ ସେ କୃଶ ଉପରେ ମୃତ୍ୟୁବରଣ କଲେ । ପୁନର୍ବାର ଯୀଶୁଖ୍ରୀଷ୍ଟ ଜୀବନକୁ ଫେରିଲେ, ଆଉ ସେ ସର୍ଗ ଗୃହକୁ ଗମନ କଲେ । ଯଦି ତୁମେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କର ଆଉ ନିଜର ପାପ କ୍ଷମା ନିମନ୍ତେ ତାଙ୍କୁ ପଚ଼ାର, ଆଉ ସେ ନିଷ୍ଚୟ କ୍ଷମା କରିବେ । ବର୍ତ୍ତମାନ୍ ସେ ଆସିବେ ଏବଂ ତୁମ୍ଭଠାରେ ବାସ କରିବେ ଆଉ ତୁମ୍ଭ ମଧ୍ୟ ତାଙ୍କଠାରେ ଚ଼ିର କାଳ ପର୍ଯନ୍ତ ବାସ କରିବ ।

ଯଦି ତୁମ୍ଭେ ଏହା ହିଁ ସତ୍ୟବୋଲି ବିଶ୍ୱାସ କର, ତହିଁରେ ଇଶ୍ୱରଙ୍କୁ କୁହନ୍ତୁ:
ପ୍ରିୟର ଯୀଶୁଖ୍ରୀଷ୍ଟ ମୁଁ ବିଶ୍ୱାସ କରେ କି ତୁମ୍ଭେ ହିଁ ଇଶ୍ୱର ଏବଂ ତୁମ୍ଭେ ମନୁଷ୍ୟ ରୁପ ଧାରଣ କରି, ମୋ କରିପାରିବି ନିମନ୍ତେ ମୃତ୍ୟୁବରଣ କଲ, ବର୍ତ୍ତମାନ୍ ଜୀବିତ ଅଛନ୍ତି । ମୁଁ ମଧ୍ୟ ନୂତନ ଜୀବନ ଧାରଣ କରିପାରିବ, ଆଉ ସେହି ଦିନ ଠାରୁ ତୁମ୍ଭ ସହିତ ଚ଼ିରକାଳ ରହିବି । ତୁମ୍ଭରି ଆଜ୍ଞାକାରି ସନ୍ତାନ ଓ ତୁମ୍ଭ ନିମନ୍ତେ ବଞ୍ଚିବାକୁ ସାହାଯ୍ୟ କରନ୍ତୁ । ଆମେନ୍ ।

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ । ଯୋହନ ୩:୧୬